# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 March - 2026

*********************************

## ମୁଖ୍ୟ ସମ୍ବାଦ

- ଚୈତ୍ର ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ମାହେନ୍ଦ୍ର ବେଳାରେ ଶ୍ରୀଜୀଉମାନଙ୍କର ଅଳଙ୍କାର ଗଣତି ମଣତି ହେବ ଆରମ୍ଭ
- କଟକ ବଡ଼ଡାକ୍ତରଖାନା ରୋଗୀ ମୃତ୍ୟୁ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କର ହଟ୍ଟଗୋଳ ଯୋଗୁଁ ବିଧାନସଭା ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ

– ରାଜ୍ୟରେ ବର୍ତ୍ତମାନ ୧୫ ଜଣ ମାଓବାଦୀ ଥିବା ନେଇ ଗୃହରେ ତଥ୍ୟ ରଖିଲେ ମୁଖ୍ୟମନ୍ତ୍ରୀ

- ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟିକ ରନ୍ଧନ ଗ୍ୟାସ ଯୋଗାଣ ପରିମାଣ ବୃଦ୍ଧି କରିବା ନେଇ ସରକାରଙ୍କ ନିଷ୍ପତ୍ତି

ଏବଂ

- ସହିଦ୍ ଦିବସରେ ଆଜି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କୁ ଦେଶବାସୀ ଜ୍ଞାପନ କରୁଛନ୍ତି ଶ୍ରଦ୍ଧାଞ୍ଜଳି

Puri

# ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଆଜି ଏ ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ହୋଇଥିବା ବୈଠକରେ ଭାରତୀ ରିଜର୍ଭ ବ୍ୟାଙ୍କ, ପ୍ରତ୍ନତତ୍ତ୍ୱ ବିଭାଗ, ସ୍ୱର୍ଣ୍ଣକାର, ଶ୍ରୀମନ୍ଦିର ବଣିଆ ଓ ସେବାୟତମାନେ ଭାଗ ନେଇଛନ୍ତି । ଆସନ୍ତା ବୁଧବାର ୨୫ ତାରିଖ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ମାହେନ୍ଦ୍ର ବେଳା ମଧ୍ୟାହ୍ନ ୧୨ ଘଣ୍ଟା ୯ ମିନିଟ୍‌ରୁ ୧ ଘଣ୍ଟା ୪୫ ମିନିଟ୍ ମଧ୍ୟରେ ଗଣତିମଣତି ଆରମ୍ଭ ହେବ । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଗଣତିମଣତି କରାଯିବ । ଗଣତିମଣତି ପୂର୍ବରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ ଆସି ସମୀକ୍ଷା କରୁଛନ୍ତି । ମାର୍ଗଦର୍ଶିକା ଅନୁସାରେ ୧୯୭୮ ମସିହାର ଗଣତି ମଣତି ପୂର୍ଣ୍ଣାଙ୍ଗ ତାଲିକା ସହିତ ମେଳକ କରାଯିବା । ଗଣତିମଣତିର ଭିଡିଓଗ୍ରାଫି, ଫଟୋଗ୍ରାଫି ସହିତ  ଥ୍ରୀ-ଡି ମ୍ୟାପିଂ କରାଯିବ ।

BBSR/R

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟରେ ଏକାଦଶ ଦିନରେ ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ଆଜି ମଧ୍ୟ ଗୃହରେ ଅଚଳାବସ୍ଥା ଜାରି ରହିଛି । ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ସଦସ୍ୟମାନେ ଗୃହରେ କଟକ ବଡ଼ମେଡିକାଲ ରୋଗୀଙ୍କ ମୃତ୍ୟୁ ଘଟଣାରେ

ବାଚସ୍ପତିଙ୍କର ଦୃଷ୍ଟି ଆକର୍ଷଣ କରି ହୋହାଲ୍ଲା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀ ସଦସ୍ୟମାନେ ହୋହାଲ୍ଲା ଜାରି ରଖିବାରୁ ବାଚସ୍ପତି ସୁରମା ପାଢ଼ି ପ୍ରଥମେ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ପୁଣିଥରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହରେ ସେହି ପ୍ରସଙ୍ଗର ପୁନରାବୃତ୍ତି ହେବା ଯୋଗୁଁ ବାଚସ୍ପତି ଶ୍ରୀମତୀ ପାଢ଼ି ଗୃହକୁ ୧୨ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିବା ସହିତ ଗୃହକୁ ସୂଚାରୁରୂପେ ପରିଚାଳନା ପାଇଁ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହର ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନକାଳ ଜାରି ରଖିଥିଲେ।

HS

## ରନ୍ଧନ ଗ୍ୟାସ

ରାଜ୍ୟରେ ରନ୍ଧନ ଗ୍ୟାସର ଅଭାବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଘରୋଇ ଉପଭୋକ୍ତାମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ସମସ୍ତ ପ୍ରକାର ଉଚିତ ପଦକ୍ଷେପ ନେଉଛନ୍ତି। ବ୍ୟବସାୟିକ ଅନୁଷ୍ଠାନ ଏବଂ ହୋଟେଲଗୁଡ଼ିକୁ ଦିଆଯାଉଥିବା ରନ୍ଧନ ଗ୍ୟାସ୍ ଯୋଗାଣ ପରିମାଣକୁ ଆଉ ୨୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଖୁବ୍‌ଶୀଘ୍ର ବ୍ୟବସାୟିକ

ଗ୍ୟାସ ଯୋଗାଣ ପରିମାଣ ୫୦ ପ୍ରତିଶତକୁ ବୃଦ୍ଧି କରାଯିବ ବୋଲି ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

**- V/O –**

Desk

## ମାନବ ଅଧିକାର କମିଶନ ଗସ୍ତ

ଜାତୀୟ ମାନବ ଅଧିକାର କମିଶନ ନୂଆଦିଲ୍ଲୀର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ତଥା ଉପଦେଷ୍ଟା ପ୍ରଫେସର କହ୍ନେୟା ତ୍ରିପାଠୀ ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। ମହାବିଦ୍ୟାଳୟର ଛାତ୍ରୀ ଓ କର୍ମଚାରୀମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଜନିତ ଅଧିକାର ସମ୍ପର୍କରେ ଅବଗତ କରାଇଥିଲେ। ମାନବ ଅଧିକାର ସୁରକ୍ଷା ସମ୍ପର୍କିତ ବାର୍ତ୍ତାକୁ  ଲୋକମାନଙ୍କ ନିକଟରେ ପହଁଞ୍ଚାଇବା ପାଇଁ ପଥପ୍ରାନ୍ତ ନାଟକ ଓ ଅନ୍ୟ ଉପାୟରେ ସଚେତନତା  ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ।

Desk

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ’ର ୧୩୨ତମ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର

ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

BHK/Desk

## ବଳିଦାନ ଦିବସ

ସହିଦମାନଙ୍କୁ ସମ୍ମାନିତ କରିବା ଏବଂ ଦେଶ ପାଇଁ ସେମାନଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଦେଶରେ ସହିଦ୍ ଦିବସ ପାଳନ କରାଯାଇଥାଏ। ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁକଦେବ ଥାପର ଏବଂ ରାଜଗୁରୁଙ୍କୁ ଆଜି ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଇଂରେଜ ସରକାର ଆଜିର ଦିନରେ ୧୯୩୧ ମସିହାରେ ଏହି ତିନି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ବିପ୍ଲବୀଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ପ୍ରତିବର୍ଷ ମାର୍ଚ୍ଚ ୨୩ ତାରିଖରେ ସମଗ୍ର ଦେଶରେ ସହିଦ ଦିବସ ପାଳନ କରାଯାଇଥାଏ ।

ଶହୀଦ ଦିବସ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ' ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ରାଜଗୁରୁ ଏବଂ ସୁଖଦେବଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ଦେଶପାଇଁ ସେମାନଙ୍କ ଅଦମ୍ୟ ସାହସ ଏବଂ ସର୍ବୋଚ୍ଚ ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତବାସୀଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିବା କ୍ଷେତ୍ରରେ ଏହି ମହାପୁରୁଷମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଭଦ୍ରକ ଜିଲ୍ଲାରେ ସହିଦ୍ ଦିବସ ପାଳନରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ସହିଦ୍‌ମାନଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଏବଂ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ।

Ganjam

## ଜନଗଣନା

ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପିଏମ୍‌ଶ୍ରୀ ସରକାରୀ ବୃନ୍ଦାବନ ବିଦ୍ୟାଳୟ ପରିସରରେ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ ଶିବିର ଆରମ୍ଭ ହୋଇଛି। ତାଲିମ ଶିବିରରେ ଜନଗଣନାକରୀ ଓ ସୁପରଭାଇଜରମାନେ ଯୋଗ ଦେଇଛନ୍ତି। ଜନଗଣନା-୨୦୨୭ ପ୍ରଥମଥର ଡିଜିଟାଲ ପ୍ରକ୍ରିୟାରେ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୪

ଜଣ ସୁପରଭାଇଜର ଓ ୨୦୧ ଜନଗଣନାକାରୀ ତାଲିମ ନେବେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଚାଲିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

Desk

# ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ପାଣିପାଗ ଦିବସ ପାଳନ କରାଯାଉଛି। ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ଆଜି ପର୍ଯ୍ୟବେକ୍ଷଣ, ଆସନ୍ତାକାଲିର ସୁରକ୍ଷା।' ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି।

ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଧନଜୀବନ ନଷ୍ଟ ହେଉଥିବାବେଳେ ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଯଥେଷ୍ଟ ବିକାଶ ଘଟିଛି।

ଗତ ୭୬ ବର୍ଷ ମଧ୍ୟରେ ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ଜନସାଧାରଣ, ସରକାର ଏବଂ ବିଭିନ୍ନ ସଂଗଠନ ପାଇଁ ଯୋଗସୂତ୍ରକାରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। ସଠିକ ପାଣିପାଗ ଆକଳନ ଓ ପୂର୍ବାନୁମାନ ଯୋଗୁଁ ଲକ୍ଷ ଲକ୍ଷ ଜୀବନ ରକ୍ଷା କରାଯାଇପାରୁଛି।

Desk

# ଖଦି ମେଳା

ଭୁବନେଶ୍ୱରଠାରେ ଆଜିଠାରୁ ରାଜ୍ୟସ୍ତରୀୟ ଖଦି ମେଳା-୨୦୨୫-୨୬ ଆରମ୍ଭ ହୋଇଛି। ଖାରବେଳ ନଗରସ୍ଥିତ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ମେଳାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ବୋର୍ଡ ପକ୍ଷରୁ ଆୟୋଜିତ ଏହି ମେଳା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

Desk

# ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଚଳିତ ସପ୍ତାହର ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ଚଳିତ ସପ୍ତାହରେ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି।